## ସଂକ୍ଷେପରେ

### ୫ ଫୁଟ୍‌ର ନାଗ ଉଦ୍ଧାର



ଢେଙ୍କାନାଳ ଅଫିସ୍, ୧୯।୬: ଢେଙ୍କାନାଳ ସହର ଉପକଣ୍ଠ ମହିଷାପାଟ ଅଞ୍ଚଳରେ ଥିବା ଦ୍ୱାରିକା ଫୁଡ୍‌ସ୍‌ରୁ ଶନିବାର ୫ ଫୁଟର ଏକ ନାଗସାପ ଉଦ୍ଧାର କରାଯାଇଛି। ବନ୍ୟକ୍ ସ୍ନେକ୍ ରେସ୍କ୍ୟୁ ଟିମ୍ ସଦସ୍ୟ ଶେଖ ଲାଲୁ, ପୁପୁନ ଦାସ ଏହାକୁ କୌଶଳ କ୍ରମେ ଧରିଥିଲେ। ସାପଟିକୁ ଢେଙ୍କାନାଳ ନିକଟ ମେଘା ସଂରକ୍ଷିତ ଜଙ୍ଗଲରେ ସୁରକ୍ଷିତ ଭାବେ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି। ସାଧାରଣତଃ ବର୍ଷାଦିନେ ଢେଙ୍କାନାଳ ଜିଲାରେ ବିଷାକ୍ତ ସର୍ପ ଭୟ ଦେଖାଦେଇଥାଏ। ଏଥିପ୍ରତି ସତର୍କ ରହିବାକୁ ବନ୍ୟକ୍ ଟିମ୍ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି।

### ବସିଥିବାବେଳେ ବଜ୍ରପାତ, ଯୁବକ ମୃତ

ପରଜଙ୍ଗ, ୧୯।୬(ଡି.ଏନ୍.ଏ.) କୂଅ ନିକଟରେ ବସିଥିବାବେଳେ ବଜ୍ରପାତ ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କାନ୍ତୋର ଗ୍ରାମରେ ରବିବାର ଅପରାହ୍ଣରେ ଘଟିଛି ଏଭଳି ଦୁଃଖଦ ଘଟଣା। ମୃତକ ହେଲେ ପ୍ରଶାନ୍ତ କୁମାର ସାହୁ (୪୦)। ଅଘଟଣ ପରେ ପରିବାର ଲୋକେ ତାଙ୍କୁ ଏକ କାର୍ ଯୋଗେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣା ଗ୍ରାମରେ ଶୋକାକୁଳ ପରିସ୍ଥିତି ସୃଷ୍ଟି କରିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କାମାକ୍ଷାନଗର ଡାକ୍ତରଖାନାକୁ ପଠାଇଛି।

### ଜନସାଧାରଣଙ୍କ ଅଭିଯୋଗ ଶୁଣିଲେ ଏମ୍‌ପି

ପରଜଙ୍ଗ, ୧୯।୬(ଡି.ଏନ୍.ଏ.): ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ପୂର୍ବାହ୍ଣ ୧୦ଟାରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ମହେଶ ସାହୁ ଯୋଗଦେଇ ଲୋକଙ୍କ ଆପତ୍ତି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କିତ ୪୦ ଅଭିଯୋଗ ଆସିଥିଲା। ଏହାର ସମାଧାନ କରାଯିବ ବୋଲି ଏମ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଉପଲକ୍ଷେ ପଞ୍ଚାୟତର ନବନିର୍ବାଚିତ ଜନପ୍ରତିନିଧିଙ୍କୁ ଏମ୍‌ପି ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ ଉପାଧକ୍ଷା ଦୀପା ସାହୁ, ବିଡିଓ ବୁଲ୍‌ବୁଲ୍ ବେହେରା, ପୂର୍ବତନ ବ୍ଲକ ଅଧକ୍ଷ କାର୍ତ୍ତିକ ସାହୁ, କରଗୋଳା ସରପଞ୍ଚ ତାପସ ରଞ୍ଜନ ପାଣି, କଙ୍କଡ଼ାହାଡ଼ ସରପଞ୍ଚ ଅନସୂୟା ସାହୁ, କାନ୍ତୋଲ ସରପଞ୍ଚ କାମିନୀ ଦେହୁରୀ, କଣ୍ଟାପାଳ ସରପଞ୍ଚ ତିଲୋତ୍ତମା ସିଂ, କୁଟୁରିଆ ସରପଞ୍ଚ ରଞ୍ଜିତ କୁମାର ସାହୁ, ବାମ୍ ସମିତିସଭ୍ୟ ରୀନା ହେଁସା, ପୂର୍ବତନ ସରପଞ୍ଚ ମୋହନ ବାଗେ, ବିଜେଡି ବ୍ଲକ ସଭାପତି ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ବିଶିଷ୍ଟ ବ୍ୟବସାୟୀଙ୍କ ପରଲୋକ



ତାଳଚେର, ୧୯।୬(ନି.ପ୍ର.) ତାଳଚେର ସହରରେ ନିମନ୍ତ୍ରଣ ପତ୍ର ଏବଂ ପୂଜା ସାମଗ୍ରୀ ବ୍ୟବସାୟ କରୁଥିବା ବିଶିଷ୍ଟ ବ୍ୟବସାୟୀ ନାଲୁ ମହାରଣା (୬୦)ଙ୍କ ଶନିବାର ପରଲୋକ ହୋଇଯାଇଛି। ଏକ ଫଳ ଦୋକାନକୁ ଯାଇ ପଇଡ଼ ପାଣି ପିଇ ଘରକୁ ଫେରିବା ବେଳେ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ ତାଙ୍କର ଦେହାନ୍ତ ହୋଇଥିବା ଅନୁମାନ କରାଯାଉଛି। ଜଣେ ପରୋପକାରୀ, ଧର୍ମପରାୟଣ ଏବଂ ମେଳାପି ବ୍ୟକ୍ତି ଭାବେ ନାଲୁ ଜଣାଶୁଣା ଥିଲେ। ତାଙ୍କ ପରଲୋକ ବିଷୟରେ ସୂଚନା ପାଇବା ପରେ ବହୁ ବ୍ୟବସାୟୀ, ସହରବାସୀ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କ ସମ୍ମାନରେ ଦୋକାନବଜାର ବନ୍ଦ ରହିଥିଲା। ମରଶରୀରକୁ ପଟୁଆରରେ ବଜାର ପରିକ୍ରମା ପରେ ଶାନ୍ତିଧାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସହପାଠୀ ନାଲୁଙ୍କ ମୃତ୍ୟୁରେ ଏମ୍‌ପି ମହେଶ ସାହୁ ଗଭୀର ଶୋକବ୍ୟକ୍ତ କରିବା ସହ ଶ୍ମଶାନରେ ପହଞ୍ଚି ଅମରାତ୍ମାର ସଦ୍‌ଗତି କାମନା କରିଥିଲେ।

# ସ୍ୱାବଲମ୍ବୀ ହେବାକୁ ସଂକଳ୍ପ

'କୋଇ ଧନ୍ଦା ଛୋଟା ନହିଁ ହୋତା, ଔର ଧନ୍ଦା ସେ ବଡ଼ା କୋଇ ଧର୍ମ ନହିଁ ହୋତା'। ବଲିଉଡ୍ ବାଦ୍‌ଶାହ ଶାହରୁଖ୍ ଖାନ୍‌ଙ୍କ ଏହି ଚର୍ଚ୍ଚିତ ଡାଏଲଗ୍ ଶୁଣିବାକୁ ମିଳିଥିଲା ତାଙ୍କ ସୁପରହିଟ୍ ସିନେମା 'ରଇସ୍'ରେ। ୨୦୧୭ରେ ଦର୍ଶକଙ୍କ ଭରପୂର ମନୋରଞ୍ଜନ କରିଥିବା ଏହି ଫିଲ୍ମର ସେହି ଅଭୁଲା ସଂଳାପ ୨୦୨୨ରେ ପ୍ରତିଫଳିତ ହୋଇଛି ଇଞ୍ଜିନିୟର ଆଦିତ୍ୟ ସାମନ୍ତରାୟଙ୍କ ବାସ୍ତବ ଜୀବନରେ। ଛଟେଇ ପରେ ଇଞ୍ଜିନିୟରିଂ ଚାକିରି ପ୍ରତି ବୀତସ୍ପୃହ ହୋଇପଡ଼ିଥିବା ଖୋର୍ଦ୍ଧାର ଆଦିତ୍ୟ ଜନ୍ମଭୂମିଠାରୁ ପ୍ରାୟ ୧୪୦ କି.ମି. ଦୂର କାମାକ୍ଷାନଗରରେ ଆରମ୍ଭ କରିଛନ୍ତି ସାଣ୍ଡଉଇଚ୍ ବ୍ୟବସାୟ। ଫେବୃୟାରୀ ୧୪ ଭାଲେଣ୍ଟାଇନ୍ସ ଡେ'ରେ ଖୋଲା ଆକାଶ ତଳେ ଶୁଭାରମ୍ଭ ହୋଇଥିବା ତାଙ୍କ ଛୋଟ ଦୋକାନରେ ଏବେ ଜମୁଛି ଭିଡ଼। ନିଜ ସ୍ୱପ୍ନରେ ଡେଣା ଗଜୁରୁଥିବା ଦେଖି ଆଦିତ୍ୟଙ୍କ ଖୁସି ଏବେ କହିଲେ ନ ସରେ...

(ସୁଧୀର କୁମାର ପରିଡ଼ା)
କାମାକ୍ଷାନଗର, ୧୯।୬

ଦିନେ ଯେଉଁ ହାତ ଯାନବାହନର ଯନ୍ତ୍ରାଂଶକୁ ଠିକ୍ ଜାଗାରେ ଖଞ୍ଜିବା ପାଇଁ ଘଣ୍ଟା ଘଣ୍ଟା ଧରି ପରିଶ୍ରମ କରୁଥିଲା, ସେହି ହାତ ଏବେ ପ୍ରସ୍ତୁତ କରୁଛି ସୁସ୍ୱାଦୁ ସାଣ୍ଡ୍‌ଉଇଚ୍। ଅର୍ଥ ଉପାର୍ଜନ ସବୁକିଛି ନୁହେଁ, ସମ୍ମାନର ସହ ବଞ୍ଚିବା ହିଁ ଜୀବନର ପ୍ରକୃତ ମୂଲ୍ୟବୋଧ ବୋଲି ହୃଦ୍‌ବୋଧ କରିବା ପରେ ଇଞ୍ଜିନିୟରିଂ ଭଳି ସମ୍ମାନଜନକ ଚାକିରିକୁ ପଛ କରି ସାଣ୍ଡଉଇଚ୍ ସେକୁଛନ୍ତି ଆଦିତ୍ୟ ସାମନ୍ତରାୟ। ଇଞ୍ଜିନିୟରିଂ ଚାକିରିରୁ ସାଣ୍ଡଉଇଚ୍ ବ୍ୟବସାୟ ପର୍ଯ୍ୟନ୍ତ ସଂଘର୍ଷମୟ ରାସ୍ତାର ପଥିକ ସାଜିଥିବା ଏହି ଉଚ୍ଚାଭିଳାଷୀ ଯୁବକଙ୍କ କାହାଣୀ କୌଣସି ଚଳଚ୍ଚିତ୍ରଠାରୁ କମ୍ ନୁହେଁ। ବୃତ୍ତିଗତ ଜୀବନରେ ଛଟେଇ ତାଙ୍କୁ ଦୋଛକିରେ ଆଣି ଛିଡ଼ା କରାଇ ଦେଇଥିବାବେଳେ ଚାକିରି ଛାଡ଼ି ସ୍ୱାବଲମ୍ବୀ ହେବାକୁ ସଂକଳ୍ପ ନେଇଛନ୍ତି ଆଦିତ୍ୟ।

ଖୋର୍ଦ୍ଧା ସହରର ପ୍ରଦୀପ ସାମନ୍ତରାୟ ଏବଂ ଅନିତା ସାମନ୍ତରାୟଙ୍କ ଦୁଇ ସନ୍ତାନଙ୍କ ମଧ୍ୟରେ ଆଦିତ୍ୟ ହେଉଛନ୍ତି ବଡ଼। ବାପା ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀ। ମା' ଏବଂ ସାନ ଭଉଣୀ ସ୍ୱାବଲମ୍ବୀ। ୨୦୧୭ରେ ଏକ ଘରୋଇ କଲେଜରୁ ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ ଆଦିତ୍ୟ। ସମସ୍ତଙ୍କ ଭଳି ସେ ବି ଏହି କ୍ଷେତ୍ରରେ ପ୍ରବେଶ କରି ଭଲ ଅର୍ଥ ଉପାର୍ଜନ କରିବାକୁ ସ୍ୱପ୍ନ ଦେଖିଥିଲେ। ପ୍ରଥମେ ବାହାର ରାଜ୍ୟର ଏକ କମ୍ପାନୀରେ ସ୍ୱଳ୍ପ ବେତନରେ



ଆଦିତ୍ୟ (ବାମରୁ ତୃତୀୟ) ନିଜ ଭଉଣୀ ଏବଂ ସମ୍ପର୍କୀୟଙ୍କ ସହ ସାଣ୍ଡଉଇଚ୍ ବିକ୍ରି କରୁଛନ୍ତି।

- ଛଟେଇ ବଦଳାଇଦେଲା ଜୀବନର ମୋଡ଼
- ଇଞ୍ଜିନିୟର ଆଦିତ୍ୟ ଏବେ ସଫଳ ସାଣ୍ଡଉଇଚ୍ ବ୍ୟବସାୟୀ

ଆରମ୍ଭ କରିଥିଲେ କର୍ମମୟ ଜୀବନ। ହେଲେ ସେଠାରେ ମାନସିକ ନିର୍ଯାତନା ଏତେ ବଢ଼ିଗଲା ଯେ, ବାଧ୍ୟ ହୋଇ ଚାକିରି ଛାଡ଼ିଲେ ଏବଂ ଫେରିଆସିଲେ ଗାଁକୁ। କିଛି ମାସ ଘରେ ରହିବା ପରେ କାମାକ୍ଷାନଗରର ଏକ ଘରୋଇ ସଂସ୍ଥାରେ ଚାକିରି କରିବା ପାଇଁ ତାଙ୍କୁ ମିଳିଥିଲା ସୁଯୋଗ। ଜାନୁୟାରୀ ୧୪ରେ ସେ କାର୍ଯ୍ୟରେ ଯୋଗଦେଲେ। ମାତ୍ର ସପ୍ତାହକ ଭିତରେ ସଂସ୍ଥା ତାଙ୍କୁ ଛଟେଇ କରିଦେଲା। ମାନସିକସ୍ତରରେ ଦୋହଲି ଯାଇଥିବା ଆଦିତ୍ୟ ଆଉ ଘରକୁ ଫେରିବେ ନାହିଁ ବୋଲି ସଂକଳ୍ପ ନେଇଥିଲେ। କାମାକ୍ଷାନଗର ଏକ ଘରୋଇ ମେସ୍‌ରେ ଦୁଇଦିନ ରହିବା ପରେ ସହରର ଗଳିକନ୍ଦି ବୁଲି ଅନୁଧ୍ୟାନ କରିଥିଲେ। ସହରରେ ସାଣ୍ଡଉଇଚ୍ ଦୋକାନ ନ ଥିବା ଦେଖି ଏହି ବ୍ୟବସାୟ ଆରମ୍ଭ କରିବାକୁ ମନ ବଳାଇଥିଲେ। ଏହାପରେ କାମାକ୍ଷାନଗର କଲେଜ ଆଗରେ ଆରମ୍ଭ କରିଥିଲେ 'ଆଦିତ୍ୟ ସାଣ୍ଡଉଇଚ୍ ପଏଣ୍ଟ'। ପ୍ରଥମେ ପ୍ରଥମେ ସାମାନ୍ୟ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଏବେ ସେ ପାଲଟିଯାଇଛନ୍ତି ପୋଖତ ବ୍ୟବସାୟୀ। 'ଆଦିତ୍ୟ ସାଣ୍ଡଉଇଚ୍ ପଏଣ୍ଟ'ରେ ମିଳୁଛି ବିଭିନ୍ନ ପ୍ରକାର ସାଣ୍ଡଉଇଚ୍। ଭେଜ୍ ବଟର ସାଣ୍ଡଉଇଚ୍, ପନିର ସାଣ୍ଡଉଇଚ୍, ଏଗ୍ ସାଣ୍ଡଉଇଚ୍ ୨୫ରୁ ୫୦ ଟଙ୍କା ଯାଏ ବିକ୍ରି ହେଉଛି। କମ୍ ତେଲ ଏବଂ ମସଲାରେ ପ୍ରସ୍ତୁତ ଏହି ୱେଷ୍ଟର୍ନ ଖାଦ୍ୟ ଖାଇବାକୁ କଲେଜ ପିଲାଙ୍କ ସମେତ ସହରବାସୀ ଭିଡ଼ ଜମାଉଛନ୍ତି। ଅର୍ଡର ଦେଲେ ହୋମ୍ ଡେଲିଭରି ମଧ୍ୟ କରାଯାଉଛି। ଦିନକୁ ୭୦୦ରୁ ୧୦୦୦ ଟଙ୍କା ରୋଜଗାର ହେଉଛି। ୩ଦିନ ଧରି ଆୟୋଜିତ ପ୍ରସିଦ୍ଧ ରଜ ମହୋତ୍ସବରେ ସେ ୩୦,୦୦୦ ଟଙ୍କାର ବ୍ୟବସାୟ କରିଛନ୍ତି। ଆନୁଷଙ୍ଗିକ ସୁବିଧା, ବିଦ୍ୟୁତ୍ ସଂଯୋଗ ନ ଥିବାରୁ କେବଳ ସକାଳେ ବ୍ୟବସାୟ କରୁଛନ୍ତି। ଖୁବ୍‌ଶୀଘ୍ର ସହରରେ ନିଜର ସ୍ଥାୟୀ ଦୋକାନ ଖୋଲିବେ ଏବଂ ବ୍ୟବସାୟକୁ ବଢ଼ାଇବାକୁ ଯୋଜନା କରିଥିବା ଆଦିତ୍ୟ ସୂଚନା ଦେଇଛନ୍ତି।

## ମତଦାନ ପୂର୍ବରୁ ଅପହରଣ: ବୃଦ୍ଧଙ୍କୁ ଘରୁ ଉଠାଇନେଲେ

ହିନ୍ଦୋଳ, ୧୯।୬(ଡି.ଏନ୍.ଏ.)

ସମବାୟ ସମିତି ନିର୍ବାଚନ ମତଦାନ ପୂର୍ବରୁ ଜଣେ ସଦସ୍ୟଙ୍କୁ ଅପହରଣ କରି ନିଆଯାଇଛି। ଢେଙ୍କାନାଳ ଜିଲା ବାଉଁଶପୋଖରୀ ପଞ୍ଚାୟତର ନୂଆକୋଟ ଗ୍ରାମରେ ଶୁକ୍ରବାର ରାତିରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଅପହରଣର ଶିକାର ହୋଇଛନ୍ତି ପଲଉ ନାଏକ। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପୁଅ ସୁଶାନ୍ତଙ୍କ ଅଭିଯୋଗ ଅନୁଯାୟୀ, ୧୭ ତାରିଖ ରାତିରେ ବାପା ପଲଉ ଘରେ ଥିଲେ। ରାତି ପ୍ରାୟ ୯ଟାରେ ଗ୍ରାମର ବାନାମ୍ବର ନାଏକ, ଶିଶିର ନାଏକ, ମୁନା ନାଏକ ଘରେ ପଶି ତାଙ୍କୁ ଉଠାଇ ନେଇଥିଲେ। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହେବା ପରେ ସେ ରବିବାର ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପଟେ ରବିବାର ସମବାୟ ସମିତି ନିର୍ବାଚନ ଥିବାବେଳେ ପଲଉ ଭୋଟ ଦେବାରୁ ବଞ୍ଚିତ ହୋଇଛନ୍ତି। ନ୍ୟାୟ ନ ମିଳିଲେ ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିବେ ବୋଲି ସୁଶାନ୍ତ କହିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବୃଦ୍ଧଙ୍କୁ ଉଦ୍ଧାର କରାଯିବା ଲାଗି ପ୍ରୟାସ ଜାରି ରଖିଥିବା ଥାନାଧିକାରୀ ଚାରୁଲତା ବେହେରା ସୂଚନା ଦେଇଛନ୍ତି।

# ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ୍





ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ସମେତ ଅନ୍ୟମାନେ।

ପରଜଙ୍ଗ, ୧୯।୬(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବାତ୍ୟା ଆଶ୍ରୟସ୍ଥଳୀରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଲାଗି ରବିବାର ସାମୂହିକ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରଶାସନ ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବନ୍ୟା, ବାତ୍ୟା ସମୟରେ ଲୋକଙ୍କୁ ଉଦ୍ଧାର କରିବା, ସୁରକ୍ଷିତ ଭାବେ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର, ବିଦ୍ୟୁତ୍ ଭିତ୍ତିଭୂମି ସୁଦୃଢ଼ୀକରଣ, ଗୃହପାଳିତ ପ୍ରାଣୀଙ୍କ ସୁରକ୍ଷା ଓ ରକ୍ଷଣାବେକ୍ଷଣ, ଲାଇଫ୍ ଜାକେଟ୍ ବ୍ୟବହାର, ରାସ୍ତାରେ ପଡ଼ିଥିବା ଗଛ ହଟାଯିବା ଆଦି ବିଷୟରେ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। ଏମ୍‌ପି ମହେଶ ସାହୁ, ବ୍ଲକ ଉପାଧ୍ୟକ୍ଷା ଦୀପା ସାହୁ, ପୂର୍ବତନ ବ୍ଲକ ଅଧକ୍ଷ କାର୍ତ୍ତିକ ସାହୁ, ବିଡିଓ ବୁଲବୁଲ ବେହେରା, ତହସିଲଦାର ରମେଶ ଚନ୍ଦ୍ର ଜେନା, ଫାୟାର ଅଫିସର ସତ୍ୟଜିତ୍ ବୋଷ, ସିଡିପିଓ ଯଶୋବନ୍ତୀ ସାହୁ, କଙ୍କଡାହାଡ଼ ସରପଞ୍ଚ ଅନସୂୟା ସାହୁ, ବ୍ଲକର ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଅଗ୍ନିଶମ ବାହିନୀ ପକ୍ଷରୁ ଉଦ୍ଧାର କୌଶଳ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା।



ଢେଙ୍କାନାଳରେ ଶନିବାରଠାରୁ ଆରମ୍ଭ ହୋଇଛି ପ୍ରାକ୍ ମୌସୁମୀ ବର୍ଷା। ସପ୍ତାହେ ହେଲା ଅସହ୍ୟ ଗୁଳୁଗୁଳି ସହରବାସୀଙ୍କୁ ଅତିଷ୍ଠ କରିଥିବାବେଳେ ବର୍ଷା ସାମାନ୍ୟ ଆଶ୍ୱସ୍ତି ଆଣିଛି।

# ମୌସୁମୀ ଛତା ବଣ୍ଟନ କାର୍ଯ୍ୟକ୍ରମ

ଢେଙ୍କାନାଳ ଅଫିସ, ୧୯।୬

ଢେଙ୍କାନାଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଶୀର୍ବାଦ' ପକ୍ଷରୁ ରବିବାର ମୌସୁମୀ ଛତା ବଣ୍ଟନ କରାଯାଇଛି। ସଞ୍ଜୟ କଲୋନୀ, ସିମିଳିଆଠାରେ ଶତାଧିକ ପରିବାରକୁ ଛତା ପ୍ରଦାନ କରାଯାଇଥିଲା। ଢେଙ୍କାନାଳ ବିଜେଡି ମହିଳା ସଭାନେତ୍ରୀ ସାଗରିକା ମିଶ୍ର ଅତିଥି ଭାବରେ ଯୋଗଦେଇ ଛତା ବାଣ୍ଟିଥିଲେ। ସଞ୍ଜୟ କଲୋନୀର ଅଯୋଧ୍ୟା ବେହେରା, ପ୍ରହଲ୍ଲାଦ ନାଏକ ସହଯୋଗ କରିଥିଲେ। ଅନୁରୂପ ଭାବରେ ଶ୍ରେୟା ଅନୁଷ୍ଠାନ ଓ ଆଶୀର୍ବାଦ





ଅନୁଷ୍ଠାନ ତରଫରୁ ହିମାଳୟବସ୍ତିଠାରେ କିନ୍ନରଙ୍କୁ ଛତା ବଣ୍ଟନ କରାଯାଇଛି। କିନ୍ନର ସଂଘ ସଭାପତି ଛବି ପ୍ରଧାନ, ସମ୍ପାଦକ ସୁବିଶ୍ରୀ ଉପସ୍ଥିତ ଥିଲେ। ଆଗକୁ ବର୍ଷା ଆସୁଥିବାରୁ ଗରିବ ଅସହାୟ ପରିବାର ଏବଂ କିନ୍ନରଙ୍କୁ ଛତା ପ୍ରଦାନ କରାଯାଇଥିବା 'ଆଶୀର୍ବାଦ'ର ସମ୍ପାଦକ ଅମ୍ବିକା ପ୍ରସାଦ ମିଶ୍ର, 'ଶ୍ରେୟା'ର ସମ୍ପାଦକ ଜ୍ୟୋତିରଞ୍ଜନ ମହାରଣା ସୂଚନା ଦେଇଛନ୍ତି।

## ଜଙ୍ଗଲରୁ ମିଳିଲା ବୃଦ୍ଧଙ୍କ ମୃତଦେହ

ପରଜଙ୍ଗ, ୧୯।୭(ଡି.ଏନ୍.ଏ.)

କଙ୍କଡାହାଡ଼ ବ୍ଲକ ମହାବିରୋଡ଼ ଫାଣ୍ଡି ଅଧୀନ ଜାଙ୍ଗୁ ଜଙ୍ଗଲରୁ ରବିବାର ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ଜାଙ୍ଗୁ ଗ୍ରାମର ଦୁଆରି ସେଠୀ (୮୦)। ସେ ଗତ ଶନିବାରଠାରୁ ନିଖୋଜ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ସନ୍ଧାନ ମିଳି ନ ଥିଲା। ସକାଳେ କେତେଜଣ ବ୍ୟକ୍ତି ଜଙ୍ଗଲକୁ ଯାଇଥିବାବେଳେ ତାଙ୍କ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ। ଫାଣ୍ଡି ଏଏସ୍‌ଆଇ ଶେଷଦେବ ଲେଙ୍କା ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କାମାକ୍ଷାନଗର ମେଡିକାଲକୁ ପଠାଇଥିଲେ। ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

# ପିତୃ ଦିବସ ପାଳିତ

ଢେଙ୍କାନାଳ ଅଫିସ, ୧୯।୬

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ପରିସରରେ ରବିବାର ପିତୃ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ନାଗରିକଙ୍କୁ ବନ୍ଦାପନା କରାଯାଇଥିଲା। ମିଶନ ସଦସ୍ୟମାନେ ସେମାନଙ୍କ ଆଶୀର୍ବାଦ କାମନା କରିବା ସହ ମିଷ୍ଟାନ୍ନ ଖୁଆଇଥିଲେ। ମିଶନର ସମ୍ପାଦକ ପ୍ରଦୀପ କୁମାର ସାହୁଙ୍କ ସମେତ ସହଯୋଗୀମାନେ ପରିଚାଳନା କରିଥିଲେ।



ବରିଷ୍ଠ ନାଗରିକଙ୍କୁ ପୂଜାର୍ଚ୍ଚନା କରାଯାଉଛି।

# ର୍‌ୟାମ୍ପ୍‌ରେ ଚମକିଲେ ଦେବୋଲିନ

ଢେଙ୍କାନାଳ ଅଫିସ, ୧୯।୬

ଭୁବନେଶ୍ୱର ପ୍ରେସ୍‌କ୍ଲବ ପରିସରରେ ରଜ ମହୋତ୍ସବ ଉପଲକ୍ଷେ ଅନୁଷ୍ଠିତ ହୋଇଯାଇଛି ରାଜ୍ୟସ୍ତରୀୟ ର୍‌ୟାମ୍ପ ଶୋ' ପ୍ରତିଯୋଗିତା। ଏଥିରେ ଚମକିଛନ୍ତି ଢେଙ୍କାନାଳ କୁଞ୍ଜକାନ୍ତ ଅଞ୍ଚଳର ଦେବୋଲିନ ବରାଳ। ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ସେ ଅଧିକାର କରିଛନ୍ତି ପ୍ରଥମ ସ୍ଥାନ।

'ମାଇଁ ସିଟି ଲିଙ୍କ୍‌ସ' ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର ଅଭିନେତା କୁନା ତ୍ରିପାଠୀ, ସେଲିବ୍ରିଟି ଆଙ୍କର ସୋନିଆ ରଥ, କଣ୍ଠଶିଳ୍ପୀ ସୁଧାକର ମିଶ୍ର, କୋରିଓଗ୍ରାଫର ମହମ୍ମଦ ସାଫିଉଲ୍ ହକ୍, ସୁନୀଲ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ତାଙ୍କୁ ପୁରସ୍କୃତ କରିଥିଲେ। ଏଥିପୂର୍ବରୁ ଦେବୋଲିନ୍ ଜିଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ହୋଇ ରାଜ୍ୟସ୍ତରକୁ ଚୟନ ହୋଇଥିଲେ।



ଦେବୋଲିନଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ୩ ନିର୍ଦ୍ଦେଶକ ପଦବୀ ପାଇଁ ନିର୍ବାଚନ

ଭୁବନ, ୧୯।୬(ଡି.ଏନ୍.ଏ.)

ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ଥିବା ଭୁବନ ବ୍ଲକର ୧୦ ସୋସାଇଟି ମଧ୍ୟରୁ ୩ଟିରେ ନିର୍ଦ୍ଦେଶକ ପଦବୀ ପାଇଁ ରବିବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଭୁବନ, ମଠକରଗୋଳା, ଜିରାଳରେ ନିର୍ବାଚନ ଶେଷ ହୋଇଥିବାବେଳେ ଆସନ୍ତା ୨୬ ତାରିଖରେ ବାଲିବୋ, ବାରୁଆଁରେ ମତଦାନ ହେବ। ସୁରପ୍ରତାପପୁର, ମାର୍ଥାପୁର, ମହୁଲପାଳ, ଭୂଷଳ, ଗଡ଼ନୃସିଂହପ୍ରସାଦ ସେବା ସମବାୟ ସମିତିର ନିର୍ଦ୍ଦେଶକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚନ ହୋଇଛନ୍ତି।

୧୫ ଜୋନ୍ ବିଶିଷ୍ଟ ଭୁବନ ସେବା ସମବାୟ ସମିତିର ନିର୍ବାଚନ ସ୍ଥାନୀୟ ବାଜି ରାଉତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ସକାଳ ୭ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ମତ ଗ୍ରହଣ କରାଯାଇଥିଲା। ୨୨୨ ଭୋଟରଙ୍କ ମଧ୍ୟରୁ ୧୭୯ ଜଣ ମତଦାନ କରିଥିଲେ।



ଭୁବନ ବାଜି ରାଉତ କଲ୍ୟାଣ ମଣ୍ଡପରେ ମତଦାନ ଚାଲିଛି।

- ୨୬ରେ ବାଲିବୋ, ବାରୁଆଁ ପାଇଁ ହେବ ମତଗ୍ରହଣ
- ୩୦ରେ ସଭାପତି ପଦବୀ ଲାଗି ହେବ ନିର୍ବାଚନ

ତନ୍ମଧ୍ୟରୁ ୮ଟି ଜୋନ୍‌ର ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଅବଶିଷ୍ଟ ଜୋନ୍‌ଗୁଡ଼ିକରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ୧ନଂ.ରେ ଅନୁକୂଳ ପୋଥାଳ, ୪ନଂ.ରେ ଦେବାଶିଷ ମିଶ୍ର, ୬ନଂ.ରେ ପର୍ଶୁରାମ ପୋଥାଳ, ୯ନଂ.ରେ ସୁରେନ୍ଦ୍ର ପୃଷ୍ଟି, ୧୦ନଂ.ରେ ପ୍ରମୋଦ ଗୁରୁ, ୧୨ନଂ.ରେ ମନମୋହନ ସାହୁ, ୧୩ନଂ.ରେ ସତ୍ୟାନନ୍ଦ ପୃଷ୍ଟି ବିଜୟୀ ହୋଇଛନ୍ତି।

ବ୍ଲକ କାର୍ଯ୍ୟନିର୍ବାହୀ ଅଧିକାରୀ ପଙ୍କଜ ଲୋଚନ ମହାଲିକ ନିର୍ବାଚନ ଅଧିକାରୀ, ଭୂଷଳ ସେବା ସମବାୟ ସମିତି ସମ୍ପାଦକ ସୁଶାନ୍ତ କୁମାର ନାୟକ ପ୍ରିଜାଇଡିଂ ଅଫିସର ଭାବେ ଦାୟିତ୍ୱ ତୁଲାଇଥିଲେ। ଆସନ୍ତା ୩୦ ତାରିଖରେ ସଭାପତି ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଏଥିଲାଗି ଆଶାୟୀମାନେ ୨୮ ତାରିଖରେ ନାମାଙ୍କନ ଦାଖଲ କରିପାରିବେ ବୋଲି ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଭୁବନ ସେବା ସମବାୟ ସମିତିର ସମସ୍ତ ସଦସ୍ୟ ଏବଂ ପୋଲିସ ପରିଚାଳନାରେ ସହଯୋଗ କରିଥିଲେ।

## ପରଜଙ୍ଗ: ରମେଶ ସଭାପତି

ପରଜଙ୍ଗ, ୧୯।୬(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ସେବା ସମବାୟ ସମିତି ନିର୍ବାଚନ ରବିବାର ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ୨୯ ସଦସ୍ୟବିଶିଷ୍ଟ ଏହି ସୋସାଇଟିରେ ସଭାପତି ପଦବୀ ଲାଗି ରମେଶ ଚନ୍ଦ୍ର ଦାସ ଏବଂ ସୁଧାକର ପରିଡ଼ାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ରମେଶଙ୍କୁ ୧୬ ଖଣ୍ଡ ଏବଂ ସୁଧାକରଙ୍କୁ ୧୩ ଖଣ୍ଡ ଭୋଟ ମଳିଥିଲା। ବିନୋଦ ବେହେରା ନିର୍ବାଚନ ଅଧିକାରୀ, ନିରାକାର ବିଶ୍ୱାଳ, ସୁଧାକର ବିଶ୍ୱାଳ, କ୍ଷୀରୋଦ କୁମାର ସାହୁ ପ୍ରିଜାଇଡିଂ ଅଫିସର ରହିଥିଲେ। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ କରାଯାଇଥିଲା।

